ପ୍ରଗତିବାଦୀ
PRAGATIVADI

● ଆଇଆଇଟି ଭୁବନେଶ୍ୱରର ଲେକଚର ହଲ ଓ ଛାତ୍ରାବାସ ଲୋକାର୍ପଣ

ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ମାନବ ସମାଜର ଆକାଂକ୍ଷା ପୂରଣ କରିବ

■ ଭୁବନେଶ୍ୱର/କଟକ, ପିଏନ୍ଏସ୍

● ଓଡିଆ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଲାଗି ଏମଓୟୁ

● ଖୁବ ଶୀଘ୍ର ଆଇଆଇଟି ଇଞ୍ଜିନିୟରିଂରେ ଓଡିଆ ଭାଷାରେ ଛାତ୍ରଛାତ୍ରୀ ପାଠ ପଢିବେ

ସମଗ୍ର ଭାରତବର୍ଷରେ ଥିବା ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ବିଶ୍ୱ ଓ ମାନବ ସମାଜର ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବ ବୋଲି ଶୁକ୍ରବାର ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ପ୍ରଶ୍ନୋତ୍ତରି ଲେକଚର ହଲ୍ କମ୍ପ୍ଲେକ୍ସ ଏବଂ ଉଚ୍ଛିନ୍ନଙ୍କ ଛାତ୍ରାବାସର ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିସହ ଖୁବ ଶୀଘ୍ର ଆଇଆଇଟି ଇଞ୍ଜିନିୟରିଂରେ ଓଡିଆ ଭାଷାରେ ଛାତ୍ରଛାତ୍ରୀ ପାଠ ପଢିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଆଇଆଇଟି ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଓଡିଆ ଭାଷାରେ ଯୋଡ଼ିବା ପାଇଁ ଆଇଆଇଟିର ନିର୍ଦ୍ଦେଶକମାନଙ୍କୁ ପରାମର୍ଶ ଦେବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦୀର୍ଘ ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣୟନ ହୋଇଥିବା ନୂଆ ଜାତୀୟ ଶିକ୍ଷାନୀତିରେ ବହୁ ଭାଷାଭାଷୀ ବିଷୟକୁ ଗୁରୁତ୍ୱ ଦିଆଯାଇଛି। ସ୍ଥାନୀୟସ୍ତରରେ ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡିଆ ଭାଷା ସମେତ ଦେଶର ଭାରତୀୟ ଭାଷା ଯଥା ବଙ୍ଗଳା, ମାଲାୟାଲମ, ମରାଠୀ, ଗୁଜୁରାଟୀ, ତେଲୁଗୁ ଭଳି ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ଜାତୀୟ ଶିକ୍ଷା ନୀତିର ପ୍ରମୁଖ ଦିଗ ହେଉଛି ଭାରତର ଆଞ୍ଚଳିକ ଭାଷାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା, ଯାହା ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତର ନୂଆ ମାର୍ଗ ପ୍ରସ୍ତୁତ କରିବ ବୋଲି ସେ କହିଛନ୍ତି। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶ ଉଦ୍ଦେଶ୍ୟରେ ସମର୍ପିତ ହୋଇଥିବା ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସକୁ ଜାତୀୟ ଗୁଣାତ୍ମକ ବୃଦ୍ଧି କରିବା ପରେ ଆଇଆଇଟିର ସାମାଜିକ ମର୍ଯ୍ୟାଦା ସହ ଗୁଣାତ୍ମକ ମାନ ବୃଦ୍ଧି ପାଉଛି। ୮୦୦ ବେଡ ବିଶିଷ୍ଟ ଉଚ୍ଛିନ୍ନଙ୍କ ଛାତ୍ରାବାସ ଏବଂ ଅତ୍ୟାଧୁନିକ ଲେକଚର ହଲର ଶୁଭାରମ୍ଭ କରାଯାଇ ଏଠାରେ ଭିତ୍ତିଭୂମିକୁ ମଜବୁତ୍ କରାଯାଉଛି। ଏହି ଶିକ୍ଷାନୁଷ୍ଠାନ ବିଶ୍ୱ ଓ ମାନବ ସମାଜର ଆଶା ଏବଂ ଆକାଂକ୍ଷା ପୂରଣ ପୂରଣ କରିବ। ଦେଶର ଆଇଆଇଟି ବିଶ୍ୱ ଓ ଦେଶର ବୈଷୟିକ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଶିକ୍ଷିତ ୪୦ ବିଶ୍ୱର ବିକାଶ ପାଇଁ ବ୍ୟବସାୟର ନୂଆ ମଡ଼େଲ ଆବଶ୍ୟକତା ରହୁଥିବାବେଳେ ଆଇଆଇଟି ଭୁବନେଶ୍ୱର ଏହାଠି ନୂଆ ବ୍ୟବସାୟ ଓ ଆର୍ଥିକ ମଡ଼େଲ ପ୍ରସ୍ତୁତ କରି ନିଯୁକ୍ତି ବୃଦ୍ଧି କରିବା ସହ ନୂଆ ବୈଷୟିକ ସମାଧାନ ସାଧନ କରିବା ଦରକାର। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଇଆଇଟି ଭୁବନେଶ୍ୱର ଛାତ୍ରଛାତ୍ରୀଙ୍କୁ ଦେଶର ସମୃଦ୍ଧ ସଂସ୍କୃତି, ଐତିହ୍ୟ, ପରମ୍ପରା, ଜାତୀୟତାର ପ୍ରଚାର ପ୍ରସାର କରିବା ପାଇଁ ଆହ୍ୱାନ କରିଥିଲେ। ଉଲ୍ଲେଖନୀୟ ଯେ, ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଓଡିଆ ପିଲାଙ୍କର ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ରୋଜଗାର ଦେବା ପାଇଁ ଆଇଆଇଟି ଭୁବନେଶ୍ୱର ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସଡିଆଇ) ଭୁବନେଶ୍ୱର ମଧ୍ୟରେ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ଦକ୍ଷତାବିକାଶ ଚେୟାରମ୍ୟାନ ରାଜୀବ କୁମାର ମହାପାତ୍ର ଓ ଆଇଆଇଟି ନିର୍ଦ୍ଦେଶକ ରାଜକୁମାର ସ୍ୱାକ୍ଷର କରିଥିଲେ। କାର୍ଯ୍ୟକ୍ରମରେ ଆଇଆଇଟି ବୋର୍ଡ ଅଫ ଗଭର୍ଣ୍ଣର୍ସ ଚେୟାରମ୍ୟାନ ଡ. ରାଜେନ୍ଦ୍ର ପ୍ରସାଦ ସିଂହ, ପ୍ରଫେସର ସି ଆର ପେଣ୍ଡା, ପ୍ରଫେସର ସୁଜିତ ରାୟ, ସରୋଜ ନାୟକ, ଡ. ପ୍ରକାଶ ରଞ୍ଜନ ସାହୁ, ରେଜିଷ୍ଟ୍ରାର ଦେବାଶିଷ ପଣ୍ଡା ସମେତ ଅନ୍ୟ ଅଧ୍ୟାପକ ଓ ଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ।